# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 February – 2026

*********************************

## ମୁଖ୍ୟ ସମ୍ବାଦ

- ବିଜ୍ଞାନ, ସ୍ଥିରତା, ନବସୃଜନକୁ ନେଇ ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଲା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬

— ସନ୍ଧ୍ୟାରେ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ; ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଜାରି ରହିଛି ରତ୍ନଭଣ୍ଡାର ସମ୍ପର୍କିତ ସମୀକ୍ଷା ବୈଠକ

— ଖୁବ୍ ଶୀଘ୍ର ଗଣତି-ମଣତି ନେଇ ଧାର୍ଯ୍ୟ କରାଯିବ ସମୟ; କହିଲେ ଆଇନ୍‌ମନ୍ତ୍ରୀ

ଏବଂ

- ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆସନ୍ତାକାଲିଠାରୁ ହେବ ଆରମ୍ଭ

# ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍

ନୂଆଦିଲ୍ଲୀରେ ଭାରତ-କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ୨୦୨୬ ଆରମ୍ଭ ହୋଇଛି । ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ସହ ସ୍ୱାସ୍ଥ୍ୟ, ସେବା, କୃଷି ଏବଂ ପ୍ରଶାସନିକ କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଉଛି।  ପାଞ୍ଚ ଦିନିଆ ସମ୍ମିଳନୀରେ ୧୩ଟି ଦେଶର ପ୍ରତିନିଧିମାନେ ଯୋଗଦେଇଥିବାବେଳେ ୩୦୦ରୁ ଅଧିକ ପ୍ରଦର୍ଶନୀ ଏବଂ ୫୦୦ରୁ ଊର୍ଦ୍ଧ୍ୱ ଅଧିବେଶନର ଆୟୋଜନ କରାଯିବ। ଜାତିସଂଘ ମହାସଚିବ ଏବଂ ଅନେକ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଲୋଚନାରେ ଭାଗ ନେବେ ।

ବିଶ୍ୱସ୍ତରରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥାରେ ନୂତନ ଭାଗିଦାରିତା ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀର  ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ସମ୍ମିଳନୀ ବିଶ୍ୱ ଏ.ଆଇ. ଦୃଷ୍ଟିକୋଣକୁ  ଆକାର ଦେବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରିବା ସହ ବିଶ୍ୱ ଏ.ଆଇ. ସହଯୋଗରେ ଏକ ସଂଯୋଜକ ଏବଂ ଅଂଶୀଦାର ଭାବରେ କାର୍ଯ୍ୟ କରିବ ।

ଭାରତ-ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ ତିନୋଟି ସ୍ତମ୍ଭ ଦ୍ୱାରା ପରିଚାଳିତ । ସେଗୁଡ଼ିକ ହେଉଛି - ଜନସାଧାରଣ, ବିଶ୍ୱ ଏବଂ ପ୍ରଗତି। ଶିଖର ସମ୍ମିଳନୀରେ ୭ଟି ପ୍ରମୁଖ ବିଷୟ- ମାନବ ପୁଞ୍ଜି, ସାମାଜିକ ସଶକ୍ତିକରଣ ପାଇଁ ଅନ୍ତର୍ଭୁକ୍ତି, ନିରାପଦ ଏବଂ ବିଶ୍ୱସ୍ତ ଏ.ଆଇ., ବିଜ୍ଞାନ, ସ୍ଥିରତା, ନବସୃଜନ ଏବଂ ଦକ୍ଷତା, ଏ.ଆଇ. ସମ୍ବଳକୁ ଗଣତାନ୍ତ୍ରିକ କରିବା ଏବଂ ଆର୍ଥିକ ବିକାଶ ଓ ସାମାଜିକ ମଙ୍ଗଳ ପାଇଁ ଏ.ଆଇ.ର ବ୍ୟବହାର ସଂପର୍କରେ ଆଲୋଚନା କରାଯିବ ।

## ସର୍ବଦଳୀୟ ବୈଠକ

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଅଧିବେଶନକୁ ସୁରଖୁରୁରେ ସମ୍ପନ୍ନ କରିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡିଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଏବଂ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଧାନସଭା ହେଉଛି, ରାଜ୍ୟବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତିଫଳନ। ଆସନ୍ତା

ବିଧାନସଭା ଅଧିବେଶନକୁ ସୁଚାରୁରୂପେ ଓ ସଫଳ ଭାବେ ପରିଚାଳନା କରିବା ପାଇଁ ସମସ୍ତ ଦଳର ସକାରାତ୍ମକ ସହଯୋଗ ଓ ସମନ୍ୱୟ ଏକାନ୍ତ ଅପରିହାର୍ଯ୍ୟ। ସର୍ବଦଳୀୟ ବୈଠକରେ ଗଠନମୂଳକ ଆଲୋଚନା କରାଯାଇଛି।

ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ସହ ଏକ ବିକଶିତ ଓଡ଼ିଶା ଗଠନ ସଂକଳ୍ପକୁ ସାକାର କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସପ୍ତଦଶ ବିଧାନସଭାର ଷଷ୍ଠ ଅର୍ଥାତ୍ ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ୍ ୨୮ଟି କାର୍ଯ୍ୟଦିବସ ରହିଛି।

ବଜେଟ୍ ଅଧିବେଶନ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ବିଧାନସଭା ଭିତରେ ଓ ବାହାରେ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ବିଧାନସଭା ଚତୁଃପାର୍ଶ୍ୱରେ ମୁତୟନ କରାଯାଇଛି।

ଅନ୍ୟପକ୍ଷରେ ଆଜି ସନ୍ଧ୍ୟାରେ ବିଜେପି ବିଧାୟକ ଦଳ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ଶଙ୍ଖ ଭବନରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଧର୍ମେନ୍ଦ୍ର ପ୍ରଧାନ-ପ୍ରାଣୀସମ୍ପଦ ମେଳା

ଗ୍ରାମର ବିକାଶ ହେଲେ ଦେଶର ବିକାଶ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଜିଲ୍ଲା ଅଇଁଠାପାଲ୍ଲୀଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ହୀରାକୁଦ ଡ୍ୟାମ୍ ପାଇଁ ଜିଲ୍ଲାର କୃଷିକାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଏକ ଲକ୍ଷ କୁଇଣ୍ଟାଲ ବଳକା ଧାନ କିଣିବା ପାଇଁ ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ଟୋକେନ୍ ପହଞ୍ଚି ସାରିଛି। ବର୍ତ୍ତମାନର ସରକାର ଚାଷୀଙ୍କ ଉନ୍ନତି ପାଇଁ ତତ୍ପର, ସଜାଗ ଓ ଦାୟିତ୍ୱବାନ୍ ରହିଛନ୍ତି। ଆଗାମୀ ଦିନରେ ସମସ୍ତ ଅଞ୍ଚଳରେ ନିରନ୍ତର ବିଜୁଳି ସେବା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ସାଢ଼େ ୩ ହଜାର କୋଟିର ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି...........

**- V/O - (**ଧର୍ମେନ୍ଦ୍ର ପ୍ରଧାନ**)**

## ରତ୍ନଭଣ୍ଡାର ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ସମ୍ପର୍କିତ ସମୀକ୍ଷା ବୈଠକ ଜାରି ରହିଛି। ବୈଠକରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଅଛନ୍ତି। ବୈଠକରେ ରତ୍ନଭଣ୍ଡାର ଗଣତି-

ମଣତି ସମ୍ପର୍କିତ ମାର୍ଗଦର୍ଶିକାକୁ ଅନୁମତି ମିଳିବା ସହ ଖୁବ୍ ଶୀଘ୍ର ଗଣତି ମଣତି ନେଇ ଚୂଡ଼ାନ୍ତ ତାରିଖ ଘୋଷଣା ହେବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

ଏହା ପୂର୍ବରୁ ଆଜି ପୂର୍ବାହ୍ଣରେ ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ସମ୍ପର୍କିତ ସମୀକ୍ଷା ବୈଠକ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଥିଲା। ତିନି ମାସ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଶେଷ କରିବାକୁ ଚେଷ୍ଟା ଜାରି ରହିଛି। ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ଉପରେ ତର୍ଜମା ଚାଲିଛି। ସରକାର ଏହା ଉପରେ ଖୁବ୍ ଶୀଘ୍ର ନିଷ୍ପତ୍ତି ଗ୍ରହଣ କରିବେ। ଗଣତି-ମଣତି ପାଇଁ ପରିଚାଳନା କମିଟି ତାରିଖ ସ୍ଥିର କରିବେ।

ପରେ ବିଶେଷଜ୍ଞ ଦଳ ଆରବିଆଇ ଅଧିକାରୀଙ୍କୁ ଏ ନେଇ ଯୋଗାଯୋଗ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

**- V/O - (ପୃଥ୍ୱୀରାଜ ହରିଚନ୍ଦନ)**

ବୈଠକରେ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

**ସିଏଚ୍ଏସ୍ଇ**

ସିବିଏସ୍ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଚଳିତବର୍ଷ ଭାରତ ସମେତ ୨୬ଟି ଦେଶର ୪୬ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି।

ଅନ୍ୟପକ୍ଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆସନ୍ତା ବୁଧବାରରୁ ଆରମ୍ଭ ହେବ। ମୋଟ ୨୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଗୋଟିଏ ସବ୍ ଟ୍ରେଜେରୀକୁ ପରୀକ୍ଷା ପରିଚାଳନା ହବ୍ ଭାବେ ମନୋନିତ କରାଯାଇଛି। ଚଳିତଥର ୧ ହଜାର ୩୫୮ଟି ପରୀକ୍ଷା କେନ୍ଦ୍ର ଏବଂ ୭ଟି ସବ୍‌ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯିବ ବୋଲି ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ।

## ଦିଶା ବୈଠକ-ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲାର ସାମଗ୍ରିକ ବିକାଶ ଏବଂ ଜନସାଧାରଣଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି -ଦିଶା ବୈଠକରେ ଯୋଗଦେଇଛନ୍ତି। ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ, ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଅଣ୍ଡରଗ୍ରାଉଣ୍ଡ କେବଲିଂ ଏବଂ ପିଏମ୍-ସୂର୍ଯ୍ୟଘରର କାର୍ଯ୍ୟକାରିତା, ରାସ୍ତା, ବ୍ରିଜ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନବୀକରଣ ଭଳି ଭିତ୍ତିଭୂମିର ବିକାଶ ଉପରେ ବୈଠକରେ ଆଲୋଚନା କରାଯାଇଛି।

ଜିଲ୍ଲାରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଜନସେବାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ପାରମ୍ପରିକ ଚାଷ ସହ ଷ୍ଟ୍ରବେରୀ, କଫି ଓ ମିଲେଟ୍ ୟୁନିଟ୍ ଉପରେ ଗୁରୁତ୍ୱ ଏବଂ ଜଳସେଚନର ସୁବିଧା ବୃଦ୍ଧି ଦିଗରେ ଆଲୋଚନା କରାଯାଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ପରଲୋକ

ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଆଜି ବିଡାନାସୀସ୍ଥିତ ସତୀଚଉରାଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଶାରୀରିକ ଅସୁସ୍ଥତା କାରଣରୁ ଗତକାଲି ତାଙ୍କର ୭୩ ବର୍ଷ ବୟସରେ ପରଲୋକ ଘଟିଥିଲା। ଦୀର୍ଘ ତିନି ଦଶନ୍ଧି ଧରି ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ସ୍ୱଗତଃ ପଟ୍ଟନାୟକ ତାଙ୍କର ସ୍ୱରର ଯାଦୁରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିଲେ। ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱିକୃତିପ୍ରାପ୍ତ କଣ୍ଠଶିଳ୍ପୀର ମାନ୍ୟତା ପାଇଥିଲେ। ସେ ମାତ୍ର ୧୫ ବର୍ଷ ବୟସରେ ଅଦିନ ମେଘ ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ। କେବଳଓଡ଼ିଆ ଭାଷା ନୁହେଁ, ହିନ୍ଦୀ, ଗୁଜରାଟୀ, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ଭଜନ, ଜଣାଣ, ପଲ୍ଲିଗୀତ, ଛାନ୍ଦ, ଚମ୍ପୁ, ଆଧୁନିକ ଗୀତ ଗାଇ ଦେଶବିଦେଶରେ ପ୍ରଶଂସିତ ହୋଇଛନ୍ତି। ଅଶାନ୍ତ ଗ୍ରହ ଚଳଚ୍ଚିତ୍ରର ବିଶ୍ୱ ଦେଖ ମଧୁମୟରେ ଜୀବନ ଗୀତ ପାଇଁ ତାଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ତାଙ୍କର ଅନେକ ଯୁଗଳବନ୍ଦୀ ଗୀତ ଶ୍ରୋତାଙ୍କ ମନରେ ଏବେବି ସତେଜ ରହିଛି। ସ୍ୱର୍ଗତ

ପଟ୍ଟନାୟକଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## ବାର୍ଷିକ ପୁରସ୍କାର

**ଭଦ୍ରକ** ଜିଲ୍ଲା ବାସୁଦେବପୁର ପିଏମ୍‌ଶ୍ରୀ ଅଟଳ ବିହାରୀ ହାଇସ୍କୁଲର ୮୨ତମ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ବିଦ୍ୟାଳୟରେ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଲେ ସଫଳତା ମିଳିପାରିବ ବୋଲି ପରାମର୍ଶ ଦେଇଛନ୍ତି ।

## ସୁଭଦ୍ରା ଶକ୍ତିମେଳା

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଦ୍ୱାରା କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ ହୋଇଯାଇଛି । ସମୁଦାୟ ୧୧୩ଟି ମହିଳା ଗୋଷ୍ଠି ଏହି ମେଳାରେ ଯୋଗଦେଇଥିଲେ । ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ପୁରସ୍କୃତ କରିଥିଲେ ।